# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 August – 2025

***********************************

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ କେନ୍ଦୁଝର ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ

— ଜିଲ୍ଲାସ୍ତରୀୟ ଉନ୍ନୟନ ପ୍ରକଳ୍ପର ସ୍ଥିତି ନେଇ କଲେ ସମୀକ୍ଷା

- ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବୋର୍ଡ ଉପସଭାପତି ଗିରଫ
- ଆସନ୍ତାକାଲି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଏବଂ

- ଚଳିତ ମୌସୁମୀ ଋତୁରେ ଜୁନ୍ ପହିଲାରୁ ଏପର୍ଯ୍ୟନ୍ତ ଗତବର୍ଷ ତୁଳନାରେ ହୋଇଛି ୬ ପ୍ରତିଶତ ଅଧିକ ବର୍ଷା

## ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦୁଇଦିନିଆ କେନ୍ଦୁଝର ଗସ୍ତରେ ଯାଇଛନ୍ତି। ପୂର୍ବାହ୍ନ ୧୦ଟାରେ ମୁଖ୍ୟମନ୍ତ୍ରୀ ରାଇସୁଆଁ ଏୟାରଷ୍ଟ୍ରିପ୍ ପହଁଞ୍ଚିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକଲ ଶିକ୍ଷା ରଥ ଆମ୍ବୁଲାନ୍ସ ଓ ମା’ ତାରିଣୀଙ୍କ ନଡିଆ ସଂଗ୍ରହ ଗାଡ଼ିର ଲୋକାର୍ପଣ କରିଛନ୍ତି। ପରେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦରବାର ହଲ୍‌ରେ ଜିଲ୍ଲାସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ଅପରାହ୍ଣ ୩ଟା ସମୟରେ କେନ୍ଦୁଝର ଷ୍ଟାଡିୟମ୍‌ରେ ଚାଲିଥିବା ସାହାଣୀକପ୍ ଫୁଟ୍‌ବଲ ଫାଇନାଲ୍ ମ୍ୟାଚ୍‌ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

## ଓଟିଇଟି

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ କ୍ରାଇମ୍‌ବ୍ରାଞ୍ଚ୍ ଗିରଫ କରିଛି। ଏହାକୁ ମିଶାଇ ଘଟଣାରେ ସମ୍ପୃକ୍ତ ଗିରଫଦାରୀଙ୍କ ସଂଖ୍ୟା ୮ କୁ ବୃଦ୍ଧି ପାଇଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବର୍ତ୍ତମାନ ପ୍ରଶ୍ନପତ୍ର ପ୍ରଘଟର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ବୋର୍ଡ

ଉପସଭାପତିଙ୍କ ଗିରଫକୁ ନେଇ କ୍ରାଇମ୍‌ବ୍ରାଞ୍ଚ୍ ଡିଜି ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ସ୍ପେଶାଲ ଓଟିଇଟି ପରୀକ୍ଷା ଆସନ୍ତା ୩୧ ତାରିଖରେ ହେବା ନେଇ ବୋର୍ଡ ପକ୍ଷରୁ ସ୍ଥିର କରାଯାଇଛି। ଆସନ୍ତା ୨୨ ତାରିଖରୁ ବୋର୍ଡର ୱେବ୍‌ସାଇଟ୍‌ରେ ପ୍ରବେଶପତ୍ର ଉପଲବ୍ଧ ହେବ।

## ବଲଙ୍ଗା ପୀଡିତାଙ୍କ ମୃତ୍ୟୁ

ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବଲଙ୍ଗା ପୀଡିତାଙ୍କର ଆଜି ଶବ ବ୍ୟବଚ୍ଛେଦ କରାଯାଉଛି। ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱରକୁ ଅଣାଯିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ବଲଙ୍ଗା ପୀଡିତାଙ୍କ ମୃତ୍ୟୁରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଓଡ଼ିଶା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଇଡି ବିସ୍ଫୋରଣ

ଝାଡଖଣ୍ଡ ସୀମାରେ ଅପ୍ରତ୍ୟାଶିତ ଆଇଡି ବିସ୍ଫୋରଣରେ ଭାରତୀୟ ରେଳବାଇରେ କାର୍ଯ୍ୟରତ କି'ମ୍ୟାନ୍ ଇଟୁଆ ଓରାମ୍‌ଙ୍କ ମୃତ୍ୟୁ ହୋଇଛି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତାରାଶି ଘୋଷଣା କରିଛନ୍ତି।

## ସମ୍ପୂର୍ଣ୍ଣତା ଅଭିଯାନ

**ଢେଙ୍କାନାଳ** ଜିଲ୍ଲା ପରିଷଦ କକ୍ଷଠାରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବେ ପରିଗଣିତ କରିବା ପାଇଁ ସରକାର ଲକ୍ଷ୍ୟ ରଖି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତାବୃଦ୍ଧି ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଜିଲ୍ଲାର ଉନ୍ନତି ହେଲେ ରାଜ୍ୟର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସମ୍ମିଳନୀରେ ଗୁରୁତ୍ୱାରୋପ କରିଛନ୍ତି। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମରେ କଙ୍କଡାହାଡ ବ୍ଲକ୍ ବ୍ରୋଞ୍ଜ୍ ପଦକ ହାସଲ କରିଥିବାରୁ ମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ଜିଲ୍ଲା ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ

ସମସ୍ତେ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ଶ୍ରୀ ପାତ୍ର ଆହ୍ୱାନ ଦେଇଛନ୍ତି। ଶିକ୍ଷ, ଦକ୍ଷତା ବିକାଶ ଓ କାରୀଗରି ବିଦ୍ୟା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ସମ୍ମିଳନୀରେ ଯୋଗଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଢେ଼ଙ୍କାନାଳ ଜିଲ୍ଲାରେ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଥିବାରୁ ଶୁଣାଣିକୁ ବନ୍ଦ କରାଯାଇଥିବା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ତାରିଖ ସମ୍ବାଦପତ୍ର ଓ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଅବଗତ କରାଯିବ।

## ମଧ୍ୟାହ୍ନ ଭୋଜନ-ଝିଟିପିଟି

**ବଲାଙ୍ଗିର** ଜିଲ୍ଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ତେତେଲଖୁଣ୍ଟି ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଗ୍ରହଣ କରି ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସୁସ୍ଥ ହୋଇ ସେମାନେ ଘରକୁ ଫେରିଥିବା ଜଣାପଡିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର **ଦିବ୍ୟଶଙ୍କର ପତି** କହିଛନ୍ତି।

**- V/O - (ଦିବ୍ୟଶଙ୍କର ପତି)**

## ସିଣ୍ଡିକେଟ୍ ବୈଠକ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟର ପ୍ରଥମ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଶ୍ୱବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ପ୍ରମୁଖ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ। ଆସନ୍ତା ୯ ତାରିଖରେ ହେବାକୁଥିବା ୨୬ତମ ସମାବର୍ତ୍ତନ ଉତ୍ସବ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଗାମୀ ସମାବର୍ତ୍ତନ ଉତ୍ସବରେ ୩୮ ଜଣ ଟପରଙ୍କୁ ସ୍ୱର୍ଣ୍ଣପଦକ, ୫୨ ଜଣଙ୍କୁ ପିଏଚ୍‌ଡି ଏବଂ ୪ ଜଣଙ୍କୁ ଡି.ଲିଟ୍ ପ୍ରଦାନ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

# ରାଷ୍ଟ୍ରପତି ଭବନ-ଗଣେଶ ଗୌଡ

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆସନ୍ତା ୧୫ ତାରିଖରେ ଆୟୋଜିତ ହେବାକୁ ଥିବା ଆର୍ଟ-ହୋମ୍ ରିସେପ୍‌ସନରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ପୋଡାମାରି ପଞ୍ଚାୟତର **ଗଣେଶ ଗୌଡ** ଯୋଗଦେବେ। ରାଷ୍ଟ୍ରପତି ଭବନରୁ ଏଥିପାଇଁ ତାଙ୍କ ପାଖକୁ ନିମନ୍ତ୍ରଣ ଆସିଛି । ସ୍ଥାନୀୟ ଅଞ୍ଚଳରେ ଚାଷୀମିତ୍ର ଏବଂ ସଂଯୋଜକ ଭାବରେ ପରିଚିତ ଗଣେଶ

ଚାଷକାର୍ଯ୍ୟରେ ଗ୍ରାମାଞ୍ଚଳର ଚାଷୀମାନାଙ୍କୁ ସାହର୍ଯ୍ୟ କରି ଆସୁଛନ୍ତି । ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣପତ୍ର ଆସିବା ପରେ ସେ ତାଙ୍କ ଖୁସି ବ୍ୟକ୍ତ କରି ପ୍ରତିକ୍ରିୟାରେ କହିଛନ୍ତି....

**- V/O - (**ଗଣେଶ ଗୌଡ**)**

## ଭଦ୍ରକ ନାମଫଳକ

**ଭଦ୍ରକ** ଜିଲ୍ଲାରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ସରକାରୀ ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଓଡ଼ିଆରେ ନାମଫଳକ ଲେଖିବାକୁ ଜିଲ୍ଲା ଶ୍ରମବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଶ୍ରମ ବିଭାଗର କର୍ମଚାରୀମାନେ ଜିଲ୍ଲାର ବାସୁଦେବପୁର ବ୍ଲକ୍ ସମେତ ଅନ୍ୟାନ୍ୟ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଜନସାଧାରଣଙ୍କୁ ଓଡ଼ିଆରେ ନାମଫଳକ ଲେଖିବାକୁ ପରାମର୍ଶ ଦେଇଛନ୍ତି ।

# ଫାଇଲେରିଆ ନିରାକରଣ

ରାଜ୍ୟରେ ଫାଇଲେରିଆ ନିରାକରଣ ଲକ୍ଷ୍ୟ ନେଇ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସାମୁହିକ ଔଷଧ ସେବନ ଅଭିଯାନ ଅନୁଷ୍ଠିତ ହେବ । ଏଥିରେ ୧୨ଟି ଜିଲ୍ଲାକୁ ସାମିଲ କରାଯାଇଛି । ରୋଗୀଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ଔଷଧ ପ୍ରଦାନ କରିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟକୁ ଫାଇଲେରିଆ ମୁକ୍ତ କରିବା ପାଇଁ ବର୍ଷକୁ

୨ଟି ପର୍ଯ୍ୟାୟରେ ଏହି ଅଭିଯାନ କରାଯାଉଛି । ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ସାମୁହିକ ଔଷଧ ସେବନ ଅଭିଯାନରେ ୯୦ ପ୍ରତିଶତ ସଫଳତା ମିଳିଥିବା ବିଭାଗ ପକ୍ଷରୁ କୁହାଯାଇଛି ।

## ଭୋଟର ତାଲିକା

ନିର୍ବାଚନ ଆୟୋଗ ଭୋଟର୍ ତାଲିକା ସଂଶୋଧନ ଓ ପ୍ରସ୍ତୁତି କାର୍ଯ୍ୟରେ ଜଡ଼ିତ ବୁଥ୍‌ସ୍ତରୀୟ ଅଧିକାରୀ ଓ ନିରୀକ୍ଷକଙ୍କ ପାରିଶ୍ରମିକ ଦୁଇଗୁଣ ବୃଦ୍ଧି କରିଛନ୍ତି। ସୂଚନା ଅନୁଯାୟୀ, ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ପାରିଶ୍ରମିକ ୬ ହଜାର ଟଙ୍କାରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିଭଳି ସେମାନଙ୍କ ଲାଗି ପ୍ରୋତ୍ସାହନ ରାଶି ୧ ହଜାର ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।

ଅନ୍ୟପକ୍ଷରେ ଭୋଟର ତାଲିକା ପ୍ରସ୍ତୁତିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବୁଥ୍‌ସ୍ତରୀୟ ଅଧିକାରୀ ନିରୀକ୍ଷକଙ୍କ ପାରିଶ୍ରମିକ ୧୨ ହଜାର ଟଙ୍କାରୁ ୧୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ନିର୍ବାଚନ ଆୟୋଗ ଭୋଟର୍ ପଞ୍ଜୀକରଣ ଅଧିକାରୀ ଓ ସହାୟକ ଭୋଟର ପଞ୍ଜୀକରଣ ଅଧିକାରୀଙ୍କ ପାରିଶ୍ରମିକରେ ମଧ୍ୟ ପ୍ରଥମ ଥରପାଇଁ ବୃଦ୍ଧି କରିଛନ୍ତି । ସୂଚନା ଅନୁଯାୟୀ, ଭୋଟର୍ ପଞ୍ଜୀକରଣ ଅଧିକାରୀ ୩୦ ହଜାର ଟଙ୍କା ଏବଂ

ସହାୟକ ଭୋଟର୍ ପଞ୍ଜୀକରଣ ଅଧିକାରୀ ୨୫ ହଜାର ଟଙ୍କା ପାରିଶ୍ରମିକ ପାଇବେ ।

## ବିଶ୍ୱ ପ୍ରଦର୍ଶନୀ-୨୦୨୫

ଜାପାନ୍‌ର ଓସାକାରେ ଅନୁଷ୍ଠିତ ବିଶ୍ୱ ପ୍ରଦର୍ଶନୀ-୨୦୨୫ରେ ଓଡ଼ିଶାର ତାରକସି କାରୁକାର୍ଯ୍ୟ ପ୍ରଦର୍ଶିତ ହେଉଛି । ପ୍ରଦର୍ଶନୀରେ ଭାରତର ସଂସ୍କୃତି, ଐତିହ୍ୟ, ମହାକାଶ ସଫଳତା ଏବଂ ହସ୍ତଶିଳ୍ପର ସମୃଦ୍ଧିକୁ ଜନସାଧାରଣ ଅବଲୋକନ କରୁଛନ୍ତି । ପ୍ରଦର୍ଶନୀର ଅନ୍ୟ ଆକର୍ଷଣଗୁଡ଼ିକ ମଧ୍ୟରେ ଚନ୍ଦ୍ରାୟଣ ଜୋନ୍ ନାମକ ଏକ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି, ଯାହା ମହାକାଶ ଅନୁସନ୍ଧାନ ଓ ଚନ୍ଦ୍ର ମିଶନରେ ଭାରତର ସଫଳତାକୁ ପ୍ରଦର୍ଶିତ କରୁଛି ।

ଚଳିତବର୍ଷ ଆମ ଜୀବନ ପାଇଁ ଭବିଷ୍ୟତ ସମାଜ ଗଠନ କରିବା ଶୀର୍ଷକରେ ଏହାର ଆୟୋଜନ କରାଯାଇଛି । ଏହି ବିଶ୍ୱସ୍ତରୀୟ ପ୍ରଦର୍ଶନୀ ଆସନ୍ତା ଅକ୍ଟୋବର ୧୩ ପର୍ଯ୍ୟନ୍ତ ଚାଲିବ । ପ୍ରଦର୍ଶନୀରେ ୧୬୦ରୁ ଊର୍ଦ୍ଧ୍ୱ ଦେଶ ଏବଂ ୯ଟି ଅନ୍ତର୍ଜାତୀୟ ସଂଗଠନ ଅଂଶଗ୍ରହଣ କରିଛନ୍ତି ।

## ପାଣିପାଗ

ରାଜ୍ୟର ବିଭିନ୍ନ ଅଂଚଳରେ ପାଗ ମେଘୁଆ ରହିଛି । ସ୍ଥାନେ ସ୍ଥାନେ ସାମାନ୍ୟ ବର୍ଷା ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୨୦ଟି ଜିଲ୍ଲାକୁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଚଳିତ ମୌସୁମୀ ଋତୁରେ ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ହାରାହାରି ୬୨୨ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ୬ ପ୍ରତିଶତ ଅଧିକ ବର୍ଷା ହୋଇଥିବା ଜଣାପଡିଛି। ୮ଟି ଜିଲ୍ଲାରେ ଅତ୍ୟଧିକ, ୧୮ଟି ଜିଲ୍ଲାରେ ସ୍ୱାଭାବିକ ଏବଂ ୪ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

# ହରଘର ତ୍ରିରଙ୍ଗା

ହରଘର ତ୍ରିରଙ୍ଗା ଅଭିଯାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏଥିପାଇଁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଗତକାଲିଠାରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ଅଭିଯାନ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଏବଂ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ହରଘର ତ୍ରିରଙ୍ଗା ଅଭିଯାନ ଅନୁଷ୍ଠିତ ହେବ ।

********************************